# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 December – 2025

**************************************

## ମୁଖ୍ୟ ସମ୍ବାଦ

- ନୀତି ଆୟୋଗର ଅର୍ଥନୀତି ବିଶେଷଜ୍ଞମାନଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ବଜେଟ ସମ୍ପର୍କିତ ବୈଠକ ଜାରି
- ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ସମୟାନୁବର୍ତ୍ତୀ ସେବା ଜରିଆରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

— ଭୁବନେଶ୍ୱରଠାରେ ୧୧ଟି ବିଭାଗର ୧ ହଜାର ୫୪୩ ଜଣଙ୍କୁ ବାଣ୍ଟିଲେ ନିଯୁକ୍ତିପତ୍ର

- ପୌଷ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଆଜି ପାଳନ କରାଯାଉଛି ଶାମ୍ବ ଦଶମୀ; କୋଣାର୍କରେ ସୂର୍ଯ୍ୟପୂଜା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ

ଏବଂ

- ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ନୟାଗଡ଼ଠାରେ ରଥକାଠ ପୂଜା ସମ୍ପନ୍ନ

# ପିଏମ୍-ନୀତି ଆୟୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ନୀତିଆୟୋଗର ପ୍ରମୁଖ ଅର୍ଥନୀତିଜ୍ଞ ଏବଂ ବିଶେଷଜ୍ଞଙ୍କ ମଧ୍ୟରେ ବଜେଟ୍ ପ୍ରସ୍ତୁତି ନେଇ ନୂଆଦିଲ୍ଲୀରେ ବୈଠକରେ ଜାରି ରହିଛି । ଦେଶର ବର୍ତ୍ତମାନର ଅର୍ଥନୈତିକ ପରିସ୍ଥିତି ଏବଂ ଭବିଷ୍ୟତର ପ୍ରାଥମିକତା ଉପରେ ବିଶେଷଜ୍ଞମାନେ ମତାମତ ଉପସ୍ଥାପନ କରୁଛନ୍ତି । କେନ୍ଦ୍ରୀୟ ବଜେଟ୍ ପ୍ରସ୍ତୁତି ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିଶେଷଜ୍ଞଙ୍କ ସହ ଅଭିବୃଦ୍ଧି, ଆର୍ଥିକ ସ୍ଥିରତା ଏବଂ ଭବିଷ୍ୟତର ଆହ୍ୱାନ ଗୁଡ଼ିକ ସମ୍ପର୍କରେ ସେମାନଙ୍କ ମତାମତ ଲୋଡ଼ିଛନ୍ତି ।

# ନିଯୁକ୍ତିପତ୍ର ବଣ୍ଟନ

ରାଜ୍ୟରେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ଓ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ସରକାର ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ରେଳ ଅଡିଟୋରିଆମ୍‌ଠାରେ ଆୟୋଜିତ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ୧୧ଟି ବିଭାଗ ପାଇଁ ମନୋନୀତ ୧ ହଜାର ୫୪୩ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରି କହିଛନ୍ତି, ଶିକ୍ଷା କ୍ଷେତ୍ରରେ ଶିକ୍ଷକଙ୍କ ଯୋଗଦାନକୁ ବୃଦ୍ଧି କରିବା ପାଇଁ ଉତ୍ତମ ଗୁଣବତ୍ତା ଏବଂ ବିଶ୍ୱସ୍ତରୀୟ ଭିତ୍ତିଭୂମିର ଆବଶ୍ୟକତା ରହିଛି। ଗତ ଦେଢ଼ ବର୍ଷ ମଧ୍ୟରେ ୩୯ ହଜାର ୪୫୯ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି। ଆଗାମୀ ଦିନରେ ୬୫

ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତିପତ୍ର ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ସମୟାନୁବର୍ତ୍ତୀ ସେବା ଯୋଗାଇ ସମୃଦ୍ଧ ଓଡ଼ିଶା ଗଢ଼ିବାକୁ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଜାତୀୟ ଶିକ୍ଷାନୀତି ୨୦୨୦, ନିପୁଣ ଓଡ଼ିଶା, ଶିଶୁ ବାଟିକା, ପ୍ରତି ପଂଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା, ଐତିହ୍ୟ ବିଦ୍ୟାଳୟ ଯୋଜନା, ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡ୍ରପ୍‌ଆଉଟ୍ ହାର ହ୍ରାସ ପାଇଁ ସହିଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

**- V/O -(CM)**

ନିଯୁକ୍ତି ମେଳାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୭୫୫ ଜଣ, ଓଡ଼ିଶା ପ୍ରଶାସନିକ ସେବାର ୩୮୨ ଜଣ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ୩୯୨ ଜଣ ଓ ଅନ୍ୟାନ୍ୟ ବିଭାଗରୁ ୧୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି।

## ବାଇପାସ ନିର୍ମାଣ

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ଏକ ବାଇପାସ୍ ନିର୍ମାଣ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଡକ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ସହର ମଧ୍ୟ ଦେଇ ଶହ ଶହ ଭାରିଯାନ ଚଳାଚଳ କରୁଛି। ସହରର ସଂକୀର୍ଣ୍ଣ ରାସ୍ତା ଏବଂ

ଅତ୍ୟଧିକ ଟ୍ରାଫିକ୍ ଯୋଗୁଁ ପ୍ରତିଦିନ ଗହଳି ପରିଲକ୍ଷିତ ହେଉଛି। ଫଳରେ ଯାତାୟତର ସମସ୍ୟା ସୃଷ୍ଟି ହେଉଛି। ବାଇପାସ ନିର୍ମାଣ ହେଲେ ରେଢ଼ାଖୋଲ ସହରରେ ଦୁର୍ଘଟଣା ହ୍ରାସ ପାଇବା ସହ ସହରବାସୀ ରାସ୍ତା ଭିଡରୁ ମୁକ୍ତ ହୋଇ ପାରିବେ ବୋଲି ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି। ସହରର ଦ୍ରୁତ ବିକାଶ ଓ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନୂତନ ବାଇପାସ ନିର୍ମାଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡକରୀଙ୍କୁ ଅବଗତ କରାଇଛନ୍ତି।

## ଛବିଲ ସାଏଙ୍କ ବଳିଦାନ ଦିବସ

ସହିଦ ବୀର ଛବିଲ ସାଏଙ୍କ ବଳିଦାନ ଦିବସରେ ଆଜି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି, ଦେଶ ଓ ମାଟି ପାଇଁ ତାଙ୍କର ସାହସ ଓ ତ୍ୟାଗ ସମସ୍ତଙ୍କ ଲାଗି ପ୍ରେରଣାର ଉତ୍ସ ହୋଇ ରହିବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହିଦ୍ ଛବିଲ ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସମ୍ବଲପୁର ଜିଲ୍ଲା କୁଦୋପାଲିରେ ମାତୃଭୂମିର ସୁରକ୍ଷା ପାଇଁ ତାଙ୍କର ବଳିଦାନ ସର୍ବଦା ସ୍ମରଣୀୟ ବୋଲି କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହିଦ୍ ଛବିଲ ସାଏଙ୍କ ବୀରତ୍ୱ ଓ ବଳିଦାନ ପ୍ରତିଟି ଓଡ଼ିଆଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି।

## ଶାମ୍ବ ଦଶମୀ

ପୌଷମାସ ଶୁକ୍ଳପକ୍ଷ ଦଶମୀ ତିଥି ଅବସରରେ ଆଜି ଶାମ୍ବ ଦଶମୀ ପାଳନ କରାଯାଉଛି । ଏହି ଅବସରରେ ସକଳ ଶକ୍ତିର ଆଧାର ପ୍ରଭୁ ସୂର୍ଯ୍ୟଙ୍କୁ ଭକ୍ତି ଓ ନିଷ୍ଠାର ସହ ପୂଜା କରାଯାଉଛି । ଅର୍କକ୍ଷେତ୍ର କୋଣାର୍କରେ ସୂର୍ଯ୍ୟପୂଜା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ସ୍ଥାନୀୟ ଅନନ୍ତ ଅବଧୂତ ମଠ ଠାରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ସୂର୍ଯ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ସକାଳୁ ସ୍ୱତନ୍ତ୍ର ନୀତିକାନ୍ତି ପରେ ରଥରେ କଳସ ଓ ସୂର୍ଯ୍ୟ ବିଗ୍ରହଙ୍କୁ ରଥ ଉପରେ ସ୍ଥାପନ କରାଯାଇଥିଲା। ପରେ  ବିଭିନ୍ନ ପିଠା ଭୋଗ ଅର୍ପଣ କରାଯାଇଥିଲା। ମଠ ମହନ୍ତ ଛେରାପହଁରା କରିବା ପରେ ଶତାଧିକ ଶ୍ରଦ୍ଧାଳୁ ରଥ ଟାଣିଥିଲେ। ଏହି ସୂର୍ଯ୍ୟରଥ ୨୭ ଦିନ ପର୍ଯ୍ୟନ୍ତ ଚନ୍ଦ୍ରଭାଗାରେ ରହି ୨୭ ନକ୍ଷତ୍ରରେ ପୂଜାର୍ଚ୍ଚନା କରାଯିବ। ମାଘ ସପ୍ତମୀରେ ବାହୁଡା ଯାତ୍ରା ଅନୁଷ୍ଠିତ ହେବ। ଆଜିର ତିଥିରେ ଚନ୍ଦ୍ରଭାଗାରେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ବୁଡ଼ ପକାଇ ଶାପମୁକ୍ତ ହୋଇଥିବାର କିମ୍ବଦନ୍ତୀ ରହିଛି ।

## ରଥକାଠ

ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଜି ନୟାଗଡ଼ଠାରେ ରଥକାଠ ପୂଜା ସମ୍ପନ୍ନ ହୋଇଛି। ପାରମ୍ପରିକ ପ୍ରଥା ଅନୁଯାୟୀ ବନ୍ୟପ୍ରାଣୀ ଡିଭିଜନ ଅଂଚଳରେ ଥିବା ବେଠିଆସାହି ଗ୍ରାମର ଜଗନ୍ନାଥ ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗଣିଆ ବ୍ଲକର ବଡ଼ମୂଳ ଗ୍ରାମସ୍ଥିତ ମା’ ବଡ଼ରାଉଳଙ୍କ ପୀଠରେ ପୂଜାର୍ଚ୍ଚନା ଶେଷ ହୋଇଛି। ଶ୍ରୀଜୀଉମାନଙ୍କ ତିନି ରଥ ନିର୍ମାଣ ପାଇଁ ନୟାଗଡ଼ ଡିଭିଜନରୁ ୮୧୮ ଖଣ୍ଡ ଅସନ, ଧଉରା, ଫାସୀ ଏବଂ ଶିମିଳି କାଠ ପଠାଯିବାର ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିରରୁ

ପାଞ୍ଚଜଣିଆ ପ୍ରତିନିଧି ଦଳ  ମହାପ୍ରଭୁଙ୍କ ଆଜ୍ଞାମାଳ ସହ ଗତ ରାତିରେ ନୟାଗଡ଼ରେ ପହଞ୍ଚିଥିଲେ।

## ଶ୍ରୀମନ୍ଦିର-ନୂଆବର୍ଷ

ନୂଆବର୍ଷରେ ପୁରୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିର ଭିତରେ ୧୫୨ଟି ଓ ବାହାରେ ୧୯୨ଟି ସିସିଟିଭି ଲଗାଯାଇଛି ବୋଲି ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ ସୂଚନା ଦେଇଛନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ୭୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ମୁତୟନ କରାଯାଇଛି। ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ପ୍ରବେଶ କରିବେ ଏବଂ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବାର ବ୍ୟବସ୍ଥା ରହିଛି। ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକଠାରୁ ବାରିକେଡ୍ ବ୍ୟବସ୍ଥା କରାଯାଇଛି।

## ବରଗଡ ଧନୁଯାତ୍ରା

**ବରଗଡ଼**ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ସପ୍ତମ ଦିବସରେ  ଆଜି ମଥୁରା ନଗରୀରେ ଧନୁଯାତ୍ରାକୁ ନାରଦଙ୍କ ପରାମର୍ଶକ୍ରମେ ଶ୍ରୀକୃଷ୍ଣ ବଳରାମଙ୍କୁ ନିମନ୍ତ୍ରଣ ପାଇଁ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ, କଂସଙ୍କ ନଗରଭ୍ରମଣ, ହାଟପଦା ଦୁର୍ଗା ମନ୍ଦିରଠାରେ ଦୁର୍ଗାସ୍ତୁତି ଓ ରାଜଦରବାରରେ ନ୍ୟାୟ ବିଚାର କାର୍ଯ୍ୟକ୍ରମ ପରିବେଷଣ ହେବ। ସେହିଭଳି ଗୋପପୁରରେ ଗୋପୀଙ୍କ ଦଧିବିକା ଓ ରାଧାକୃଷ୍ଣଙ୍କ ନାବକେଳୀ, ଶଙ୍ଖଚୂଡ ବଧ ସହ ନନ୍ଦ ଦରବାରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମହାରାଜା କଂସଙ୍କ ରାଜଦରବାରର ରାଜଅତିଥିଭାବେ ଉପସ୍ଥିତ ରହିବେ ବୋଲି କାର୍ଯ୍ୟସୂଚୀ ରହିଛି ।

ଧନୁଯାତ୍ରା ଉପଲକ୍ଷେ ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି ।

ମହାରାଜ କଂସ ବରଗଡ଼ ପୁଲିସ୍ ଷ୍ଟେସନରେ ଆଇନ୍ ବ୍ୟବସ୍ଥାର ତଦାରଖ କରିଛନ୍ତି । ଏହାସହ ବେଆଇନ୍ କାର୍ଯ୍ୟକଳାପର ଦଣ୍ଡବିଧାନ କରି କହିଛନ୍ତି,

**- V/O -**

## ଇୟର ଏଣ୍ଡର

ଭାରତର ବିକାଶ ଯାତ୍ରାରେ ୨୦୨୫ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛି । ବିଭିନ୍ନ ନୀତିକୁ ବାସ୍ତବତାରେ ପରିଣତ କରାଯାଇ ଦେଶର ବିକାଶ କ୍ଷେତ୍ରରେ ଏହାର ଉପଯୋଗିତା ସକାରାତ୍ମକ ପ୍ରଭାବ ପକାଇଛି । ସ୍ୱତନ୍ତ୍ର ଧାରାବାହିକ ସଂସ୍କାରର ବର୍ଷରେ ଆସନ୍ତୁ ଜାଣିବା, ଭାରତର ସାଂସ୍କୃତିକ କ୍ଷେତ୍ରରେ ଚଳିତ ବର୍ଷ ଘଟିଥିବା ବିକାଶ ସମ୍ପର୍କରେ.....

ଚଳିତବର୍ଷ ଭାରତ ତାର ସାଂସ୍କୃତିକ ମୂଲ୍ୟବୋଧକୁ ଜାତୀୟତାର ପରିଚୟ ଭାବେ ସାବ୍ୟସ୍ତ କରିବା କ୍ଷେତ୍ରରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମର

ସଫଳ ରୂପାୟନ କରିଥିଲା । ଅଯୋଧ୍ୟାଠାରେ ଶ୍ରୀରାମ ଜନ୍ମଭୂମି ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ କରିବା ଏବଂ ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧର୍ମଧ୍ୱଜାର ସ୍ଥାପନ କରିବା ଏକ ସାଂସ୍କୃତିକ ଓ ଐତିହାସିକ ମାଇଲ୍‌ଖୁଣ୍ଟ ଥିଲା । ଚଳିତ ବର୍ଷ ଆଲୋକର ପର୍ବ ଦୀପାବଳିକୁ ୟୁନେସ୍କୋର ସାଂସ୍କୃତିକ ଓ ଐତିହ୍ୟ ତାଲିକାରେ ମାନ୍ୟତା ମିଳିଥିଲା । ଦେଶର ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତିର ବର୍ଷେ ବ୍ୟାପି ପାଳନ ଆରମ୍ଭ ହୋଇଥିଲା । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରୀୟ ଗୀତର ଅନନ୍ୟତାକୁ ଆମ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ ।

ଚଳିତ ବର୍ଷ ପ୍ରୟାଗରାଜ ମହାକୁମ୍ଭରେ ୬୬ କୋଟିରୁ ଅଧିକ ଶ୍ରଦ୍ଧାଳୁ ସେମାନଙ୍କ ଧାର୍ମିକ ପରମ୍ପରା ପାଳନ କରିଥିଲେ। ୨୦୨୫ ଭାରତୀୟ ସଭ୍ୟତାର ସାଂସ୍କୃତିକ ପ୍ରତିରୂପ ଦେଶର ଏକତ୍ୱ ଭାବକୁ ନିଛକ ଭାବେ ପ୍ରଦର୍ଶନ କରିବାରେ ସଫଳ ହୋଇଥିଲା ।

*ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ*

## ଚର୍ଚ୍ଚାରେ ୨୦୨୫

ଅସୁମାରୀ ଆଶା-ଆକାଂକ୍ଷା, ସୁଖ-ସମୃଦ୍ଧି, ଆଶ୍ୱାସନା-ସମ୍ଭାବନାର ସମ୍ଭାର ନେଇ ଆସୁଛି ନବବର୍ଷ-୨୦୨୬। ପୁରୁଣାବର୍ଷକୁ ବିଦାୟ ଓ

ନବବର୍ଷକୁ ସ୍ୱାଗତ ପାଇଁ ସାଂସ୍କୃତିକ ଆସରରେ ଗାଁଠୁ ସହର ହୋଇଉଠିଛି ଉତ୍ସବମୁଖର।

ବର୍ଷ ସାରାର ବିଭିନ୍ନ ଘଟଣାବଳୀକୁ ନେଇ ଆକାଶବାଣୀ କଟକ କେନ୍ଦ୍ରର ଆଂଚଳିକ ସମ୍ବାଦ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଆସନ୍ତାକାଲି ଅପରାହ୍ଣ ୪ଟାରେ ଶୁଣି ପାରିବେ 'ଚର୍ଚ୍ଚାରେ ୨୦୨୫' ।